ସୋଲାପୁର ଏମ୍. ଆଇ. ଡି. ସି. ଉଦ୍ୟୋଗ ସଙ୍ଗଠନ ଇତ୍ୟାଦି

*ବନାମ*

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

ଜୁଲାଇ 26, 1996

[ଏମ୍. ଏମ୍. ପୁଞ୍ଛି ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ପୌରପାଳିକା:*

*ବମ୍ବେ ପ୍ରାଦେଶିକ ପୌର ନିଗମ ଅଧିନିୟମ, 1949 । ମହାରାଷ୍ଟ୍ର ଶିଳ୍ପ ବିକାଶ ଅଧିନିୟମ, 1961.*

*ଧାରା 3(3)/ଧାରା 56 - ସୋଲାପୁର ମହାନଗର ନିଗମ - ଶିଳ୍ପ ବିକାଶ ନିଗମ ଦ୍ୱାରା ପରିଚାଳିତ ଶିଳ୍ପ ସମ୍ପତ୍ତି/ଶିଳ୍ପ କ୍ଷେତ୍ରକୁ ନିଗମର ଆଞ୍ଚଳିକ ସୀମା ମଧ୍ୟରେ ଆଣିବା ପାଇଁ ଅଧିସୂଚନା - ଅଧିସୂଚନାକୁ ଏହି ଆଧାରରେ ଆପତ୍ତି କରାଯାଇଥିଲା ଯେ ଉଭୟ ଅଧିନିୟମ ଅନୁଯାୟୀ ହାସଲ କରିବାକୁ ଚାହୁଁଥିବା ଉଦ୍ଦେଶ୍ୟ ପ୍ରାୟ ସମାନ ଥିଲା ଏବଂ 1961 ଅଧିନିୟମର ଧାରା 56 ଦ୍ୱାରା ପ୍ରଦାନ କରାଯାଇଥିବା ଅନୁଯାୟୀ, ରାଜ୍ୟ ସରକାର ଶିଳ୍ପାଞ୍ଚଳ/ଶିଳ୍ପ ଅଞ୍ଚଳକୁ ଶିଳ୍ପ ବିକାଶ ନିଗମର ପରିସରରୁ ପ୍ରତ୍ୟାହାର କରିନଥିଲେ - ନିର୍ଣ୍ଣୟ କରାଯାଇଥିଲା, 1961 ଅଧିନିୟମ ଅନୁଯାୟୀ ଶିଳ୍ପ ବିକାଶ ନିଗମ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ହେଉଛି ଶିଳ୍ପ କ୍ଷେତ୍ର ଏବଂ ଶିଳ୍ପ ପ୍ରତିଷ୍ଠାନରେ ଶୃଙ୍ଖଳିତ ପ୍ରତିଷ୍ଠା ହାସଲ କରିବା ଏବଂ ସାଧାରଣତଃ ଏହାର ସଂଗଠନରେ ସହାୟତା କରିବା, ଯେତେବେଳେ କି 1949 ଅଧିନିୟମ ଅନୁଯାୟୀ ଉଦ୍ଦେଶ୍ୟ ହେଉଛି ସହରର ଉନ୍ନତ ପୌରପାଳିକା ଶାସନ କ୍ଷମତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୌର ନିଗମ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରିବା - ଆଇନ ପ୍ରଣୟନର ପ୍ରସଙ୍ଗ ଭିନ୍ନ ହୋଇଥିବାରୁ ଉଭୟଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ ନାହିଁ ।*

ଦେୱାନୀ ଅପିଲୀୟ ଅଧିକାରିତା: ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 14830/1994 ।

W.P. ସଂଖ୍ୟା 1314/1994ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 29.6.94 ତାରିଖର ରାୟ ଏବଂ ଆଦେଶରୁ ।

ସହିତ

ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 17325/1994 ।

W.P. ସଂଖ୍ୟା 1312/1994ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 29.6.94 ତାରିଖର ରାୟ ଏବଂ ଆଦେଶରୁ ।

ମେସର୍ସ ଜେ. ବି. ଡି. ଆଣ୍ଡ କୋ., (NP)ଙ୍କ ପକ୍ଷରୁ ଦୁଷ୍ୟନ୍ତ ଏ ଦାଭେ, ବି. ଏନ୍. ନାୟକ, ଭି. ଏନ୍. ଗଣପୁଲେ, ରାଜୁ ରାମଚନ୍ଦ୍ରନ, ଏମ୍. ଡି. ଅଦକର, ରାମଦାସ ପି. ସଲ୍ଲାନ, ଏସ୍. ଡି. ସିଂହ, ଏଜାଜ୍ ମକବୁଲ, ଏ. ଏମ୍. ଖାନୱିଲକର (ସୁଶ୍ରୀ ଏ. କେ. ବର୍ମା, ପି. ଡି. ତ୍ୟାଗୀ) ଓକିଲବୃନ୍ଦ, ଏବଂ ଉପସ୍ଥିତ ପକ୍ଷଙ୍କ ତରଫରୁ ଏସ୍. ଏମ୍. ଯାଦବ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

*SLP ସଂଖ୍ୟା 14830/94 ଏବଂ SLP ସଂଖ୍ୟା 17325/94:*

ବମ୍ବେ ପ୍ରାଦେଶିକ ପୌରନିଗମ ଅଧିନିୟମ, 1949 (ଏହା ପରେ 1949 ଅଧିନିୟମ ଭାବେ ସୂଚିତ) ର ଧାରା 3 ର ଉପ-ଧାରା (3) ଅନୁଯାୟୀ ଜାରି ହୋଇଥିବା ଏକ ଅଧିସୂଚନା 23 ଏପ୍ରିଲ୍, 1992 ତାରିଖରେ ପ୍ରକାଶିତ ହୋଇଥିଲା, ଯାହା ବମ୍ବେ ଉଚ୍ଚ ନ୍ୟାୟାଳୟରେ ସମ୍ପୃକ୍ତ ଦୁଇ ବିଶେଷ ଅନୁମତି ଆବେଦନକାରୀଙ୍କ ଦ୍ୱାରା ପୃଥକ ଭାବରେ ଆପତ୍ତି କରାଯାଇଥିଲା ଯେଉଁଥିରେ ଉକ୍ତ ଶିଳ୍ପାଞ୍ଚଳ/ଅଞ୍ଚଳ ଯେଉଁଠାରେ ସେମାନେ ସେମାନଙ୍କର ଶିଳ୍ପ ସ୍ଥାପନ କରିଥିଲେ, ତାହା ସୋଲାପୁର ପୌରନିଗମ, ସୋଲାପୁରର ଆଞ୍ଚଳିକ ସୀମା ମଧ୍ୟରେ ପରିସରଭୁକ୍ତ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଉଭୟ ଆଜ୍ଞାଦେଶ ଆବେଦନଗୁଡିକୁ ସମାନ ଆଧାରରେ ପ୍ରରମ୍ଭରୁ ଖାରଜ କରିଦେଇଥିଲେ । ଏହିପରି ଏକ ଆଧାର ଥିଲା ଯେ ସ୍ୱୀକାରଯୋଗ୍ୟ ଭାବରେ ବୈଧାନିକ ବ୍ୟବସ୍ଥାଗୁଡ଼ିକର ପାଳନରେ କୌଣସି ତ୍ରୁଟି ଦେଖିବାକୁ ମିଳିନଥିଲା ଯାହା ପୋରନିଗମର ସୀମାକୁ ବୃଦ୍ଧି କରିଥିଲା । ଏହି ଆଦେଶର ଏହି ଅଂଶକୁ ନିସନ୍ଦେହରେ ନିଜ ଦ୍ୱାରା ସ୍ଥିର କରାଯାଇଛି । ଆପତ୍ତିର ଦ୍ୱିତୀୟ ଆଧାର ବିଫଳ ହୋଇଥିଲା କାରଣ ବମ୍ବେ ପ୍ରାଦେଶିକ ପୌରନିଗମ ଅଧିନିୟମ, 1949 ଏବଂ ମହାରାଷ୍ଟ୍ର ଶିଳ୍ପ ବିକାଶ ଅଧିନିୟମ, 1961 (ଏହା ପରେ 1961 ଅଧିନିୟମ ଭାବରେ ସୂଚିତ) ମଧ୍ୟରେ କୌଣସି ଦ୍ୱନ୍ଦକୁ ଉକ୍ତ ଆଜ୍ଞାଦେଶ ଆବେଦନଗୁଡିକ ଦର୍ଶାଇ ପାରିନଥିଲା, କାରଣ ଉଚ୍ଚ ନ୍ୟାୟାଳୟଙ୍କ ଅନୁଯାୟୀ ଦୁଇଟି ବିଧାନର ପୃଥକ କାର୍ଯ୍ୟକାରିତା କ୍ଷେତ୍ର ଥିଲା । ଉଚ୍ଚ ନ୍ୟାୟାଳୟର ଏପରି ଦୃଷ୍ଟିକୋଣକୁ ମୂଳତଃ ଏହି ପ୍ରସଙ୍ଗରୁ ଆପତ୍ତି କରାଯାଇଛି ଯେ

1961 ଅଧିନିୟମ ଅନୁଯାୟୀ ହାସଲ କରିବାକୁ ଚାହୁଁଥିବା ଉଦ୍ଦେଶ୍ୟଗୁଡ଼ିକ 1949 ଅଧିନିୟମ ସହିତ ପ୍ରାୟ ସମାନ ଥିଲା, କାରଣ ଉଭୟ ନାଗରିକ ସୁବିଧା, ସାର୍ବଜନୀନ ସ୍ଥାନର ରକ୍ଷଣାବେକ୍ଷଣ ଇତ୍ୟାଦି ପ୍ରଦାନ କରନ୍ତି ଯେପରି ସମ୍ପୃକ୍ତ ଦୁଇଟି ବିଧାନରେ ବିଧିବଦ୍ଧ ଭାବରେ ଗଣନା କରାଯାଇଥିଲା । ଏହା ମଧ୍ୟ କୁହାଯାଇଥିଲା ଯେ 1961 ଅଧିନିୟମର ଧାରା 56 ଅନୁଯାୟୀ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଶିଳ୍ପାଞ୍ଚଳ/ଶିଳ୍ପ କ୍ଷେତ୍ରକୁ ଶିଳ୍ପ ବିକାଶ ନିଗମର ପରିସରରୁ ପ୍ରତ୍ୟାହାର କରିନାହାଁନ୍ତି କାରଣ ଏହାର ଉଦ୍ଦେଶ୍ୟ ଯଥେଷ୍ଟ ପରିମାଣରେ ହାସଲ ହୋଇଛି ବୋଲି ଏପର୍ଯ୍ୟନ୍ତ ସନ୍ତୁଷ୍ଟି ନଥିଭୁକ୍ତ କରାଯାଇ ନାହିଁ ।

1961 ଅଧିନିୟମର ଧାରା 56 ନିମ୍ନରେ ପ୍ରଦାନ କରାଗଲା:

"ଯେଉଁଠାରେ ରାଜ୍ୟ ସରକାର ସନ୍ତୁଷ୍ଟ ହୁଅନ୍ତି ଯେ କୌଣସି ନିର୍ଦ୍ଦିଷ୍ଟ ଶିଳ୍ପାଞ୍ଚଳ କିମ୍ବା ଶିଳ୍ପ ଅଞ୍ଚଳ କିମ୍ବା ଏହାର କୌଣସି ଅଂଶ ସମ୍ପର୍କରେ, ଏହି ଅଧିନିୟମ ଅନୁଯାୟୀ ନିଗମ ପ୍ରତିଷ୍ଠିତ ହୋଇଥିବା ଉଦ୍ଦେଶ୍ୟ ଯଥେଷ୍ଟ ପରିମାଣରେ ହାସଲ ହୋଇଛି ଯାହା ଦ୍ୱାରା ନିଗମ ଅଧୀନରେ ଏପରି ସମ୍ପତ୍ତି କିମ୍ବା ଏହାର ଅଂଶର ନିରନ୍ତର ଅସ୍ତିତ୍ୱ ଅନାବଶ୍ୟକ କରାଯାଇପାରିବ, ରାଜ୍ୟ ସରକାର ସରକାରୀ ରାଜପତ୍ରରେ ବିଜ୍ଞପ୍ତି ଦ୍ୱାରା ଘୋଷଣା କରିପାରିବେ ଯେ ଏପରି ଶିଳ୍ପାଞ୍ଚଳ କିମ୍ବା ଶିଳ୍ପ ଅଞ୍ଚଳ କିମ୍ବା ଏହାର ଅଂଶ ନିଗମର କ୍ଷେତ୍ରାଧିକାରରୁ ହଟାଇ ଦିଆଯାଇଛି । ପରିସ୍ଥିତି ଅନୁଯାୟୀ ରାଜ୍ୟ ସରକାର ଏପରି ସମ୍ପତ୍ତି କିମ୍ବା ଅଞ୍ଚଳ କିମ୍ବା ଏହାର କିଛି ଅଂଶର ପ୍ରଶାସନ ପାଇଁ ଏହିପରି ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରିପାରିବେ ।"

ଏଥିରେ କୌଣସି ଦ୍ୱିମତ ନାହିଁ ଯେ ଯେହେତୁ ରାଜ୍ୟ ସରକାର ସମ୍ପୃକ୍ତ ଶିଳ୍ପାଞ୍ଚଳ/ଶିଳ୍ପ କ୍ଷେତ୍ରକୁ ନିଗମର ନିୟନ୍ତ୍ରଣରୁ ପ୍ରତ୍ୟାହାର କରିନାହାନ୍ତି, ତେଣୁ 1961 ଅଧିନିୟମର ବ୍ୟବସ୍ଥା ଲାଗୁ ହୋଇ ରହିଛି । ଏହାର ପ୍ରସ୍ତାବନା ଉଦ୍ଦେଶ୍ୟଗୁଡ଼ିକୁ ସୂଚିତ କରେ ଯାହା ହାସଲ କରିବାକୁ ଚେଷ୍ଟା କରାଯାଇଛି ଯଥା, ଶିଳ୍ପ କ୍ଷେତ୍ର ଏବଂ ଶିଳ୍ପ ସମ୍ପତ୍ତିର ଶୃଙ୍ଖଳିତ ପ୍ରତିଷ୍ଠା, ଏବଂ ସାଧାରଣତଃ ଏହାର ସଂଗଠନରେ ସହାୟତା କରିବା, ଏବଂ ସେହି ଉଦ୍ଦେଶ୍ୟରେ ଏବଂ ସେହି ବିଷୟ ସହିତ ଜଡିତ ଉଦ୍ଦେଶ୍ୟ ପାଇଁ ଶିଳ୍ପ ବିକାଶ ନିଗମ ପ୍ରତିଷ୍ଠା କରିବା । ଅନ୍ୟପକ୍ଷରେ, 1949 ଅଧିନିୟମର ଉଦ୍ଦେଶ୍ୟ, ଯାହା ଏହାର ମୁଖବନ୍ଧରୁ ସୂଚିତ ହୁଏ, ହେଉଛି ପୌର ନିଗମ ପ୍ରତିଷ୍ଠା ହୋଇଥିବା ସହରଗୁଡ଼ିକର ଏକ ଉତ୍ତମ ପୌର ପ୍ରଶାସନକୁ ସୁନିଶ୍ଚିତ କରିବା ପାଇଁ ପୌର ନିଗମ ପ୍ରତିଷ୍ଠାର ବ୍ୟବସ୍ଥା କରିବା । ଦୁଇଟି ବିଧାନର ପରିସରକୁ ନେଇ ଏଗୁଡ଼ିକ ମୌଳିକ ପାର୍ଥକ୍ୟ ହୋଇଥିବାରୁ,

ଆମ ମତରେ, ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ଏହି ଉପସଂହାରରେ ଉପନୀତ ହୋଇଛନ୍ତି ଯେ ପରସ୍ପର ମଧ୍ୟରେ ଉଭୟଙ୍କ କୌଣସି ଦ୍ୱନ୍ଦ ନାହିଁ । କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ଥାଇପାରେ, ଯେପରିକି ନାଗରିକ ସୁବିଧା ପାଇଁ ବ୍ୟବସ୍ଥା, ଯେଉଁଥିରେ ଉଦ୍ଦେଶ୍ୟର ପରିଚୟ ରହିଛି, କିନ୍ତୁ ଏଗୁଡ଼ିକ ସମ୍ପୃକ୍ତ ଦୁଇଟି ବିଧାନର ମୁଖ୍ୟ ଉଦ୍ଦେଶ୍ୟ ପାଇଁ ଆନୁଷଙ୍ଗିକ ଏବଂ ଗୁରୁତ୍ୱହୀନ ଅଟେ । ବିଧାନସଭା ବିତର୍କରୁ ନିଆଯାଇଥିବା ପରାମର୍ଶ, ଯାହା ପ୍ରତି ଆମର ଧ୍ୟାନ ଆକର୍ଷଣ କରାଯାଇଛି, 1961 ଅଧିନିୟମ ପାରିତ କରିବା ସମୟରେ, ଏହି ତଥ୍ୟକୁ ସୂଚିତ କରେ ଯେ ପୂର୍ଣ୍ଣବିକଶିତ ଶିଳ୍ପାଞ୍ଚଳ କିମ୍ବା ଶିଳ୍ପ କ୍ଷେତ୍ରଗୁଡ଼ିକ 1961 ଅଧିନିୟମ ଅଧୀନରେ ରଖିବାକୁ ଉଦ୍ଦିଷ୍ଟ ଥିଲା, ଯେ ପର୍ଯ୍ୟନ୍ତ ପଞ୍ଚାୟତ କିମ୍ବା ପୌରନିଗମ ପରିପ୍ରେକ୍ଷୀରେ କିଛି ନାଗରିକ ପ୍ରଶାସନ ଗ୍ରହଣ କରିପାରିବ ନାହିଁ ଯାହା ସମ୍ପୃକ୍ତ ଦୁଇଟି ଅଧିନିୟମରେ ଉପଲବ୍ଧ କୌଣସି ବୈଧାନିକ ବ୍ୟବସ୍ଥା ଦ୍ୱାରା ସମର୍ଥିତ ନୁହେଁ । ଯେପରି ପୂର୍ବରୁ କୁହାଯାଇଥିଲା ଯେ ଆଇନ ପ୍ରଣୟନର ବିଷୟବସ୍ତୁ ଭିନ୍ନ ଭିନ୍ନ ହୋଇଥିବାରୁ, ଦୁଇଟି ଭିନ୍ନ ଭିନ୍ନ ବୈଧାନିକ କ୍ଷେତ୍ର ଅଧୀନରେ ଆଇନ ପ୍ରଣୟନ କରାଯାଇଥିବାରୁ ସେମାନେ ପରସ୍ପର ବିରୋଧରେ ଯୁକ୍ତି କରିବାର କୌଣସି ପ୍ରଶ୍ନ ଉତ୍ଥାପିତ ହେଉନାହିଁ ।

ତେଣୁ ଆମେ ଏହି ଆବେଦନଗୁଡ଼ିକରେ କୌଣସି ଗୁଣବତ୍ତା ପାଉନାହୁଁ । ତଦନୁସାରେ ସେଗୁଡିକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. — ଆବେଦନଗୁଡ଼ିକୁ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ